# ସଂଗ୍ରାମୀ ସାମ୍ବାଦିକ ନୃସିଂହ ଗୁରୁ

ଶ୍ରୀମତୀ ମନୋରମା ମହାପାତ୍ର

ପ୍ରାତଃସ୍ମରଣୀୟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ଚିନ୍ତକ ତଥା ସୁଦକ୍ଷ ସାମ୍ବାଦିକ ନୃସିଂହ ଗୁରୁ ଏକ ବହୁମୁଖୀ ପ୍ରତିଭାରେ ସମନ୍ୱିତ ଆଦର୍ଶ ଚିନ୍ତକ । ସମ୍ବଲପୁରର ଗୁରୁପାଲୀ ଗ୍ରାମରେ ଦୋଳପୂର୍ଣ୍ଣମୀ ୧୯୦୨ ମସିହାରେ ଜନ୍ମଗ୍ରହଣ କରିଥିଲେ ନୃସିଂହ ଗୁରୁ । ତାଙ୍କର ବ୍ୟକ୍ତିତ୍ୱ, ନିଷ୍ଠା, ଦୃଢ଼ତା ଓ ତ୍ୟାଗ ବଳରେ ସେ ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନର ଧାରକ ଓ ବାହକ ଭାବରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଥିଲେ 'ସମାଜ'ର ସମ୍ବଲପୁର ପ୍ରତିନିଧି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ଲୋକସେବକ ମଣ୍ଡଳର ଅଧ୍ୟକ୍ଷ ରାଧାନାଥ ରଥଙ୍କର ଅତ୍ୟନ୍ତ ପ୍ରିୟ ସହକର୍ମୀ 'ସମାଜ'ର ବରିଷ୍ଠ ସାମ୍ବାଦିକ । ଊନବିଂଶ ଶତାବ୍ଦୀର ଶେଷ ଭାଗ ଓ ବିଂଶ ଶତାବ୍ଦୀର ପ୍ରାକ୍ କାଳରେ ଏ ଦେଶରେ ଯେଉଁମାନେ ଜନ୍ମଗ୍ରହଣ କରିଥିଲେ ସେମାନଙ୍କର ମୂଲ୍ୟବୋଧରେ ଗଭୀର ବିଶ୍ୱାସ ଥିଲା । ସତ୍ୟ ନୀତିର କବଚ ପିନ୍ଧି, ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ସେମାନେ ସ୍ୱେଚ୍ଛାରେ ସୁଖସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ କରି ସ୍ୱାଧୀନତା ସଂଗ୍ରାମରେ କାୟମନୋବାକ୍ୟରେ ଝାସ ଦେଇଥିଲେ । ଜାତୀୟ ଜୀବନକୁ ପରିପୁଷ୍ଟ କରିବା ପାଇଁ ସବୁ ପ୍ରକାର ସ୍ୱାର୍ଥତ୍ୟାଗ କରିବାର ଦୀକ୍ଷା ଏମାନେ ନେଇଥିଲେ । ଏହି ସତ୍ୟସନ୍ଧ, ଉଜ୍ଜ୍ୱଳ ବ୍ୟକ୍ତିତ୍ୱମାନଙ୍କ ଯୋଗୁଁ ୧୯୪୭ ଅଗଷ୍ଟ ୧୫ ତାରିଖରେ, ଭାରତ ସ୍ୱାଧୀନ ହୋଇଥିଲା ।

ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲର ଏକାଦଶ ଶ୍ରେଣୀର ମେଧାବୀ ଛାତ୍ର ନୃସିଂହ ଗୁରୁ ପିତା ଗଣେଶରାମ ଗୁରୁ ଓ ଲକ୍ଷ୍ମୀ ଦେବୀ ସମ୍ବଲପୁରର ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଏହି ପୁଅଟିକୁ ପାଇଥିଲେ ବୋଲି ନାମ ରଖିଥିଲେ ନୃସିଂହ । ତୃତୀୟ ଶ୍ରେଣୀରୁ ସେ ବୃତ୍ତି ପାଇ ସମସ୍ତଙ୍କ ଆଶା ଭରସାର କେନ୍ଦ୍ର ହୋଇଥିଲେ । ଆଶା କରାଯାଉଥିଲା ମାଟ୍ରିକ ପରୀକ୍ଷାରେ ମଧ ଏହି ଅସାଧାରଣ, ମେଧାବୀ, ବୁଦ୍ଧିମାନ ଛାତ୍ରଜଣକ ବିଦ୍ୟାଳୟର ସମ୍ମାନ ରଖିବେ କିନ୍ତୁ ଜାତୀୟତାର ମହାମନ୍ତ୍ରରେ ଅଭିମନ୍ତ୍ରିତ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରେରିତ ଯୁବକ ନୃସିଂହ ଗୁରୁ ସାହସର ସହ ଅସହଯୋଗରେ ଆନ୍ଦୋଳନରେ ଯୋଗ ଦେଲେ । ବୁଢ଼ାରଜା ପାହାଡ଼ରେ ତାଙ୍କରି ନେତୃତ୍ୱରେ ହେଲା ସଭା । ସଂକଳ୍ପ ନେଲେ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବେ । ବିଦ୍ୟାଳୟକୁ ଯିବେ ନାହିଁ । ସେଦିନ ଥିଲା ୧୯୨୧ ମସିହା ଜାନୁୟାରୀ ୩ ତାରିଖ । ସମ୍ବଲପୁରର ସମ୍ବଳ ବୀର ସନ୍ତାନମାନଙ୍କ ମଧ୍ୟରେ ଗୁରୁଙ୍କ ସହ ଥିଲେ ଲକ୍ଷ୍ମୀନାରାୟଣ ମିଶ୍ର, ଚନ୍ଦ୍ରଶେଖର ପାଣିଗ୍ରାହୀ, ବେଣୀ ମାଧବ ସୂପକାର, ଗୌରୀଶଙ୍କର ସାହାଣୀ, ମହମ୍ମଦ ହୁସେନ୍ ଓ ଅବଦୁଲ ମଜିଦଙ୍କ ଭଳି ବହୁ ଅଗ୍ନିଦୀପ୍ତ ତେଜିୟାନ ଯୁବକ । ଯେଭଳି କଥା ସେଭଳି କାର୍ଯ୍ୟ । ୪୦ ଜଣ ଛାତ୍ରଙ୍କୁ ନେଇ ଗ୍ରାମେ ଗ୍ରାମେ ଅସହଯୋଗର ବାର୍ତ୍ତା ପ୍ରଚାର କଲେ ଏହି ସଂଗ୍ରାମୀ, ମେଧାବୀ ଛାତ୍ରଗଣ ନୃସିଂହ ଗୁରୁଙ୍କ ନେତୃତ୍ୱରେ । ପରିଣାମ ଯାହା ହେବା କଥା ହୋଇଥିଲା । ସେ ସ୍କୁଲରୁ ତଡ଼ା ଖାଇଥିଲେ ।

ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଜାତୀୟ ବିଦ୍ୟାଳୟରେ ଶିକ୍ଷାଲାଭ କରିବା ସଙ୍ଗେ ସଙ୍ଗେ ଦେଶସେବାରେ ଆପଣାକୁ ସମର୍ପିତ କରିଦେଲେ । ସେ ସମୟରେ ଦେଶ ସେବାର ମାଧ୍ୟମ ଥିଲା ସାମ୍ବାଦିକତା । ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ପୁଣ୍ୟାତ୍ମା ଗୋପବନ୍ଧୁ ଚାଇଁବସାରୁ ତରୁଣ ଦୀପ୍ତିମାନ ଯୁବକ ରାଧାନାଥ (ବାବୁଜୀ)ଙ୍କୁ ଆଣି ସତ୍ୟବାଦୀରୁ ସାପ୍ତାହିକ 'ସମାଜ' ପ୍ରକାଶ କରୁଥିଲେ । ଓଡ଼ିଶାରେ ଅସହଯୋଗ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଲା ସମ୍ବାଦପତ୍ର 'ସମାଜ' । ଏହା ଥିଲା ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୌଦ୍ଧିକଚିନ୍ତନ, ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ ଓ ସମାଜସେବାର ସର୍ବଶ୍ରେଷ୍ଠ ମାଧ୍ୟମ । ପରବର୍ତ୍ତୀ କାଳରେ ସଂଗ୍ରାମୀ ବିନୋଦ କାନୁନ୍‌ଗୋ, ନୃସିଂହ ଗୁରୁ ପ୍ରମୁଖ 'ସମାଜ' ସହ ଜଡ଼ିତ ହେଲେ । ସମ୍ବାଦ ସଂଗ୍ରହ, ପ୍ରକାଶନର ଦାୟିତ୍ୱ ନେଇ ଅସହଯୋଗର ବାର୍ତ୍ତା ସେ ଓଡ଼ିଶାର ପୁରପଲ୍ଲୀରେ ପ୍ରଚାର କରିବାର ମାଧ୍ୟମ ହେଲେ ।

ନୃସିଂହ ଗୁରୁଙ୍କ ଜୀବନ ଥିଲା ସମର୍ପିତ, ସେବାମୟ ଜୀବନ । ଗାନ୍ଧି-ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରେରିତ ହୋଇ ସମ୍ବଲପୁର, ଝାରସୁଗୁଡ଼ା ଓ ଲଇକେରା ଅଞ୍ଚଳରେ ଅଣଓସାରିଆ ଖଦଡ଼ ଲୁଗା ପିନ୍ଧି, ବେକରେ ମୁଣାଟିଏ ଝୁଲାଇ, କାନ୍ଧରେ ଚଦର ଖଣ୍ଡେ ପକାଇ ମୁକୁଳା ଗୋଡ଼ରେ ଗାଁ ଗାଁ ବୁଲି ସେ ରଚନାତ୍ମକ କାର୍ଯ୍ୟ ଆରମ୍ଭ କଲେ । ସ୍ୱଦେଶୀ ବାର୍ତ୍ତା ପ୍ରଚାର ସଙ୍ଗେ ସଙ୍ଗେ ସୂତା କାଟିବା, ଲୁଗା ବୁଣିବା, ନିଶା ନିବାରଣ, ଛୁଆଁ ଅଛୁଆଁ ଭେଦ ଭାବ ଦୂରୀକରଣ ଥିଲା ତାଙ୍କ ଲକ୍ଷ୍ୟ । ଭାରତ ସ୍ୱାଧୀନ ହେଲା, କିନ୍ତୁ 'ଯେ ଦୀକ୍ଷାରେ ଥରେ କରିଛ ବିଶ୍ୱାସ, ନ ଛାଡ଼ ତା ଥିବା ଯାଏଁଟି ନିଶ୍ୱାସ' । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୋଷାକ ପରିବର୍ତ୍ତନ କରି ନାହାନ୍ତି । ବିଳାସ ବ୍ୟସନଠାରୁ ବହୁ ଦୂରରେ ରହିଛନ୍ତି ।

୧୯୨୮ ମସିହାରେ ଯେତେବେଳେ ମହାତ୍ମାଗାନ୍ଧି ସମ୍ବଲପୁର ଆସିଲେ ଓ ଚନ୍ଦ୍ରଶେଖର ବେହେରାଙ୍କ ଅତିଥି ହେଲେ ସେତେବେଳେ ତରୁଣ, ନୀତିନିଷ୍ଠ ନୃସିଂହ ଗୁରୁଙ୍କ ଉପରେ ସବୁ ଦାୟିତ୍ୱ ଦେଇଥିଲେ ଚନ୍ଦ୍ରଶେଖର ବେହେରା । ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ସେ ତାଙ୍କ ଜୀବନର ଲକ୍ଷ୍ୟ ନିର୍ଭୀକ ଭାବରେ ସ୍ଥିର କରିନେଲେ । ବିଚାରରେ ଅଟଳ ରହିଲେ । କୌଣସି ପ୍ରକାର ପ୍ରଲୋଭନ ତାଙ୍କୁ ଲକ୍ଷ୍ୟଚ୍ୟୁତ କରିବାକୁ ସମର୍ଥ ହେବା ପୂର୍ବରୁ ଅସହଯୋଗ

ଆନ୍ଦୋଳନ ସହ ସ୍ୱତନ୍ତ୍ର ଉତ୍କଳ ଗଠନ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନଙ୍କ ଡାକରାରେ ସେ ଫୁଲଝର, ଖଡ଼ିଆଲ, ପଦ୍ମପୁର, ଚନ୍ଦ୍ରପୁର ଆଦି ବିଚ୍ଛିନ୍ନାଞ୍ଚଳରେ ଜନମତ ସୃଷ୍ଟି କର୍ମରେ ନିରଳସ ଭାବରେ ଆହୋରାତ୍ର କାର୍ଯ୍ୟ କଲେ ।

ଆଜି ଯେତେବେଳେ ବିଷମଦ ପିଇ ଓଡ଼ିଶାରେ ବାରମ୍ବାର ଲୋକେ ପ୍ରାଣହରାଉଛନ୍ତି, ସେତେବେଳେ ନୃସିଂହ ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଶତଗୁଣରେ ବଢ଼ିଯାଉଛି । ଏହି ମହାନ୍ ଦୂରଦ୍ରଷ୍ଟା ନିଶା ନିବାରଣ ପାଇଁ ସମ୍ବଲପୁର ଅଞ୍ଚଳରେ ସାଥୀମାନଙ୍କୁ ଧରି ଏଭଳି ଗଠନମୂଳକ କାର୍ଯ୍ୟ କରିଥିଲେ, ଯାହା ବାସ୍ତବରେ କଳ୍ପନାତୀତ ଥିଲା । ମଦ ବିକ୍ରି କମିଗଲା, ସରକାରଙ୍କ କ୍ଷତି ହେଲା । ନିଶାନିବାରଣ କ୍ଷେତ୍ରରେ ଭାରତରେ ସମ୍ବଲପୁର ଅଗ୍ରଗାମୀ ବୋଲି ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ନୃସିଂହ ଗୁରୁଙ୍କୁ ପ୍ରଶଂସାପତ୍ର ଦେଲେ ।

କେବଳ ନିଶାନିବାରଣ ନୁହେଁ, ହରିଜନମାନଙ୍କ ସେବା, କୁସଂସ୍କାର ବିରୋଧରେ ସଂଗ୍ରାମ, ସମାଜ ସଂସ୍କାର ଥିଲା ତାଙ୍କର କର୍ମମୟ ଜୀବନର ବିଶେଷ କାର୍ଯ୍ୟ । ୧୯୩୦ ଲବଣ ସତ୍ୟାଗ୍ରହର ଦାଣ୍ଡିଯାତ୍ରାରେ ସାମିଲ ହୋଇଥିଲେ ଓ ସମ୍ବଲପୁର ଲୋକଙ୍କୁ ଡାକରା ଦେଇଥିଲେ । ଇଂରେଜ ସରକାର ଦ୍ୱାରା ଗିରଫ ହୋଇ ଜେଲଦଣ୍ଡ ମଧ ଭୋଗିଥିଲେ । ହରିଜନମାନେ କିଭଳି ପାଠ ପଢ଼ିବେ ସେ ଦିଗରେ ତାଙ୍କର ଉଦ୍ୟମ ଅବ୍ୟାହତ ଥିଲା । ଜନାର୍ଦ୍ଦନ ସୂପକାରଙ୍କ ସହାୟତାରେ, ଠକ୍କର ବାପାଙ୍କ ସମର୍ଥନରେ ନୃସିଂହ ଗୁରୁ ହରିଜନ ଛାତ୍ରାବାସର ପରିଚାଳକ ଭାବରେ ରହି ଛୁଆଁ ଅଛୁଆଁ ଭେଦ ଭାବ ଭାଙ୍ଗି ଅଛୁଆଁ ଛାତ୍ର ବା ଛାତ୍ରୀଙ୍କୁ ପରିବାରଭୁକ୍ତ କରିଥିଲେ ଓ ପିତୃଶ୍ରାଦ୍ଧରେ ମଧ ସେମାନଙ୍କୁ ଏକାଠି ଖାଇବାକୁ ଦେଉଥିଲେ । ସେ ହିଁ ରକ୍ଷଣଶୀଳ ସମାଜରେ ସଂସ୍କାରକର ଭୂମିକା ନେଇ କୁସଂସ୍କାର ବିଲୋପ କରି ସମ୍ବଲପୁରରେ ସେବା ଓ ସଂସ୍କାରର ନୂଆ ପଥ ତିଆରି କଲେ ।

'ସମାଜ' ସହ ତାଙ୍କର ଯୋଗାଯୋଗ ଥିଲା ଅତି ନିବିଡ଼, କାରଣ ସାମ୍ବାଦିକତା ଥିଲା ଦେଶସେବାର ଏକ ଅଙ୍ଗ, ଅସହଯୋଗ ଆନ୍ଦୋଳନର ସମସ୍ତ ତଥ୍ୟ ସେ ସମ୍ବଲପୁରରୁ, 'ସମାଜ'କୁ ପଠାଉଥିଲେ । 'ସମାଜ' ସହ ତାଙ୍କର ଆତ୍ମିକ ଯୋଗ ଥିଲା, ଯେଉଁଥିପାଇଁ ସେ ସମ୍ବାଦ ପ୍ରେରଣ ସଙ୍ଗେ ସଙ୍ଗେ ନିଜେ ଘର ଘର ବୁଲି 'ସମାଜ' ବାଣ୍ଟୁଥିଲେ । ମୋର ପିଲାଦିନୁ ମୁଁ ତାଙ୍କୁ ଦେଖିଛି 'ସମାଜ' ଅଫିସରେ । ପିତାଙ୍କ ସହ ଯାଇ ତାଙ୍କ ଘରେ ବହୁବାର ଖାଇଛୁ, ଅନାବିଳ ସ୍ନେହ ସହିତ ଦୃଢ଼ତା ତଥା ଦେଶପ୍ରୀତି ତାଙ୍କର ଅତି ସାଦାସିଧା, ସରଳ ଜୀବନ ଭିତରୁ ସ୍ୱାଭିମାନର ଝଲକ ହୋଇ ପ୍ରକାଶିତ ହେଉଥାଏ । ସେ ଧରଣର ଅକପଟ ଦେଶପ୍ରେମୀ ସାମ୍ବାଦିକ ଏ ଯୁଗରେ ବିରଳ । ନିରବଚ୍ଛିନ୍ନ ଭାବରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିଷ୍ଠିତ 'ସମାଜ'ର ପ୍ରସାର ଓ ପ୍ରଚାର ପାଇଁ ସେ ଯେଭଳି କାର୍ଯ୍ୟ କରୁଥିଲେ ସାମ୍ବାଦିକତାର ଇତିହାସରେ ସେଭଳି ନଜିର ନାହିଁ । ଅର୍ଥ ପଛରେ ସେ କେବେ ଧାଇଁ ନାହାନ୍ତି । ତ୍ୟାଗ ଓ ସେବାକୁ ସମ୍ବଳ କରି ଏହି ଦୀକ୍ଷିତ ମଣିଷ ଜଣକ ନିନ୍ଦା ପ୍ରଶଂସାର ଉର୍ଦ୍ଧ୍ୱରେ ଥାଇ ନୀତିରେ ଅଟଳ ରହି ଦେଶମାତୃକାର ସେବା କରିଗଲେ, ତାଙ୍କ ପଛରେ ସମ୍ମାନ ଗୋଡ଼େଇଲା । ସାମ୍ବାଦିକତା ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ୮୩ ବର୍ଷ ବୟସ ପର୍ଯ୍ୟନ୍ତ ସେ କର୍ମକ୍ଷମ ଥିଲେ । ଗୋଟିଏ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇ ସେଇଠି ସେ ଅସ୍ୱସ୍ତି ଅନୁଭବ କଲେ । ୧୯୮୪ ମସିହା ଜାନୁୟାରୀ ୨ ତାରିଖରେ 'ସମାଜ' ର ଯଥାର୍ଥ ବନ୍ଧୁ, ସହୋଦର, ସଂଗ୍ରାମୀ ସାମ୍ବାଦିକ ଆମ ପରିବାରର ମୁରବି ଶେଷ ନିଃଶ୍ୱାସ ତ୍ୟାଗ କଲେ । ଲୋକେ କହୁଥିଲେ ସମ୍ବଲପୁରର ଗାନ୍ଧି ଚାଲିଗଲେ । ଆଜିର କ୍ଷମତା ରାଜନୀତିରେ କ୍ଷମତାଠାରୁ ବହୁ ଦୂରରେ ଥିବା ନୀତିନିଷ୍ଠ ସାଧକ, ସଂସ୍କାରକ ସାମ୍ବାଦିକ ନୃସିଂହ ଗୁରୁଙ୍କ ଆଦର୍ଶ ହୁଏତ ଏ ଯୁଗରେ ନେତୃବର୍ଗ କଳ୍ପନା କରିପାରିବେ ନାହିଁ । ଯଥାର୍ଥରେ କୁହାଯାଇଛି- "ସୁଜନ ଧର୍ମ ପଥେ ସଦା ଚରଇ, କଲ୍ୟାଣ ଆସି ତାକୁ ନିଜେ ବରଇ । ସନ୍ଥଜନେ କଦାପି ଦୁଃଖ ନ ଘାରେ, କୁଶଳ ଆସି ଖଟେ ଆପେ ତା' ଦ୍ୱାରେ ।" ବିଶିଷ୍ଟ ଶିକ୍ଷାବିତ ଡଃ. ପ୍ରଫୁଲ୍ଲ ପତିଙ୍କ ଅଧକ୍ଷତାରେ ନୃସିଂହ ଗୁରୁ ସ୍ମୃତି କମିଟି ଗଢ଼ା ହୋଇଥିଲା । ସେହି ମହାନ ଶିକ୍ଷାବିତ୍ ଆଜି ନାହାନ୍ତି । ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ ସ୍ମୃତି କମିଟିର ସଭାପତି । ପୁଣ୍ୟପୁରୁଷ ନୃସିଂହ ଗୁରୁଙ୍କ ଜୀବନୀ, କର୍ମମୁଖର ଆଦର୍ଶ ଜୀବନଯାତ୍ରାର ଚିତ୍ର ଏ ଯୁଗର ସାମ୍ବାଦିକମାନଙ୍କୁ ଯଥାର୍ଥ ସାମ୍ବାଦିକତାର ମନ୍ତ୍ର ଶିକ୍ଷା ଦେବ, ମଣିଷ ଭଳି ମଣିଷ କିଭଳି ପ୍ରଲୋଭନ ଠାରୁ ସଦା ସର୍ବଦା ଦୂରରେ ରହି ଅନାୟାସରେ ସୁଖମୟ ମରଣ ଲାଭ କରିପାରେ ତା'ର ସେ ଥିଲେ ନିଦର୍ଶନ । ତାଙ୍କର କୃତି ଓ ସାଧନାଶୁଦ୍ଧ ଜୀବନ ଉତ୍ତରକାଳକୁ ପ୍ରଭାବିତ କରୁ । ସାମ୍ବାଦିକତା କ୍ଷେତ୍ରରେ ଉଜ୍ଜ୍ୱଳ, ଅଗ୍ରଣୀ ଭୂମିକା ନେଇଥିବା ଗାନ୍ଧିବାଦୀ ନୃସିଂହ ଗୁରୁଙ୍କର ସ୍ମୃତି ଉଦ୍ଦେଶ୍ୟରେ 'ସମାଜ'ର ସଶ୍ରଦ୍ଧ ପ୍ରଣାମ ।

ଗୋପବନ୍ଧୁ ଭବନ, କଟକ